Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 216
Monday, 12 October 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୧୨ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



## ପୁଲିସର ଲାଠି ପରେ ବି ଜିଦରେ ଅଟଳ ସିଜେପି, ଆନ୍ଦୋଳନ ଜାରି



ନୂଆଦିଲ୍ଲୀ, ୧୧/୧୦(ନ୍ୟୁ.ଏ): କାଲିର ତମାମ୍ କଟକଣା, କାର୍ଯ୍ୟାନୁଷ୍ଠାନ ଓ ପ୍ରାୟ ୭ ହଜାର ସଦସ୍ୟଙ୍କୁ ଅଟକ ସତ୍ତ୍ୱେ, ଆଜି ପୁଣି ଦିଲ୍ଲୀରେ ଦମ୍ ଦେଖାଇଛି କକ୍ରୋଚ୍ ଜନତା ପାର୍ଟି । ସିଜେପିର ୩ ଛାମୁଆ ନେତା ଆଜି ଦିଲ୍ଲୀ ପୁଲିସ ହାଜତରୁ ମୁକୁଳିଥିବା ବେଳେ, ଦିଲ୍ଲୀରେ ଜାରି ରହିଛି ପୁଲିସ ଛାଉଣି । ଏଣେ ଆସନ୍ତାକାଲି ଇଣ୍ଡି ମେଂଟ ଦିଲ୍ଲୀରେ ବିଶାଳ ଆନ୍ଦୋଳନ କରିବାକୁ ଥିବା ବେଳେ, ସେଥିରେ ସାମିଲ ହେବା ପାଇଁ ଓଡ଼ିଶାର କଂଗ୍ରେସ ନେତାଙ୍କୁ ଆସିଛି ଦିଲ୍ଲୀ ଡାକରା ।. ଦ୍ୱିତୀୟ ଦିନରେ ପୁଣି ଦିଲ୍ଲୀରେ ଦେଖିବାକୁ ମିଳିଛି ସିଜେପି ସମେତ ବିଭିନ୍ନ ଛାତ୍ର ସଂଗଠନର ଆନ୍ଦୋଳନ । କନ୍‌ଷ୍ଟ୍ରେସ୍ ଠାରେ ପୁଣି ଜେନ୍-ଜି ଆନ୍ଦୋଳନକାରୀଙ୍କୁ ବଳ ଲଗାଇ ରୋକିଛି ପୁଲିସ । ଶନିବାର ଭଳି ବ୍ୟାପକ ସଂଖ୍ୟାରେ ଆନ୍ଦୋଳନକାରୀ ଏକାଠି ହୋଇନଥିଲେ ବି, ଯେତିକି ବି ଆନ୍ଦୋଳନକାରୀ ଆସିଥିଲେ ସେମାନଙ୍କୁ ରାସ୍ତାରୁ ଟେକିନେଇ ବସ୍‌ରେ ପୂରାଇଛି ଦିଲ୍ଲୀ ପୁଲିସ । ସିଇସି ଜ୍ଞାନେଶ କୁମାର ଇସ୍ତଫା ନଦେବା ଯାଏଁ ଏବଂ ଏସ୍‌ଆଇଆର ପ୍ରତ୍ୟାହାର ନହେବା ଯାଏଁ, ଆନ୍ଦୋଳନରେ ଅଡ଼ି ବସିବ, ଉଠିବାର ପ୍ରଶ୍ନ ଉଠୁନି ବୋଲି ସଫା ସଫା ଶୁଣାଇଦେଇଛି କକ୍ରୋଚ୍ ଜନତା ପାର୍ଟି ।... ସେପଟେ ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏବଂ ଛାମୁଆ ସଦସ୍ୟ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ସର୍ତ୍ତମୂଳକ ଭାବେ ମୁକ୍ତ କରିଛନ୍ତି ଦିଲ୍ଲୀ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ । ବର୍ଷେ ପର୍ଯ୍ୟନ୍ତ ଶାନ୍ତି ଭଙ୍ଗ କରିବେ ନାହିଁ ବୋଲି ସର୍ତ୍ତ ରଖାଯାଇଛି । ୟୁଟ୍ୟୁବର ଧ୍ରୁବ୍ ରାଠି ବି ମୁକୁଳିଛନ୍ତି । ଗୋଟିଏ ପଟେ ସିଜେପି ଆନ୍ଦୋଳନ ଭଣ୍ଡୁର କରିବାକୁ କେନ୍ଦ୍ର ଓ ଦିଲ୍ଲୀ ପୁଲିସ ପୂରା କଳ-ବଳ-କୌଶଳ ଲଗାଇ ଦେଇଥିବା ବେଳେ, ଏଇ ମଉକାରେ ମୋଦୀ ସରକାର ଉପରେ ଚାପ ବଢ଼ାଇବାକୁ ଅଂଟା ଭିଡ଼ିଛି ଇଣ୍ଡି ମେଂଟ । ବିଶାଳ ପ୍ରତିବାଦ ଶୋଭାଯାତ୍ରା କରିବ ବିରୋଧୀ ମେଣ୍ଟ । ଏଥିରେ ମମତା ବାନାର୍ଜୀ ମଧ୍ୟ ଯୋଗ ଦେବେ ବୋଲି ଟିଏମ୍‌ସି ସ୍ପଷ୍ଟ କରିଛି । ଏପଟେ ଓଡ଼ିଶାର କଂଗ୍ରେସ ନେତାଙ୍କୁ ବି ଆସିଛି ଦିଲ୍ଲୀ ଡାକରା । ରାଜ୍ୟ କଂଗ୍ରେସର ସମସ୍ତ ବିଧାୟକ, ସାଂସଦ, ପିସିସି କର୍ମକର୍ତ୍ତା ଏବଂ ବରିଷ୍ଠ ନେତାଙ୍କୁ ଆସନ୍ତାକାଲି ଆନ୍ଦୋଳନରେ ସାମିଲ ହେବା ପାଇଁ ଦିଲ୍ଲୀ ଡାକିଛି ଏଆଇସିସି । ଗତ ୬ ତାରିଖରେ ସିଇସିଙ୍କ ବିରୋଧରେ ଦିଲ୍ଲୀରେ ଇଣ୍ଡି ମେଂଟର ଶୋଭାଯାତ୍ରା ବେଳେ ସେଥିରେ ସାମିଲ ହୋଇଥିଲେ ବିଜେଡି ସାଂସଦ । ତେବେ ଆସନ୍ତାକାଲିର ଶୋଭାଯାତ୍ରାରେ ଦଳର ଆଭିମୁଖ୍ୟ କଣ ରହିବ, ତା ଉପରେ ନଜର ।

## 'ଆମେ କୌଣସି ବଣ୍ଡ ସାଇନ୍ କରିନୁ' : ସିଜେପି



ନୂଆଦିଲ୍ଲୀ, ୧୧/୧୦(ନ୍ୟୁ.ଏ): କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ, ସହ-ସଂଯୋଜକ ଆଶୁତୋଷ ରାଙ୍କା ଏବଂ ସୌରଭ ଦାସ ମୁକ୍ତି ପରେ କୌଣସି ବଣ୍ଡରେ ସ୍ୱାକ୍ଷର କରିଥିଲେ କି ? ଯଦି ହଁ, ତେବେ ସେମାନେ କି ପ୍ରକାର ବଣ୍ଡରେ ସାଇନ୍ କରିଥିଲେ ? କକ୍ରୋଚ୍ ଜନତା ପାର୍ଟି ଏବେ କହିଛି, 'ସିଜେପି ନେତାମାନେ କୌଣସି ବଣ୍ଡରେ ସ୍ୱାକ୍ଷର କରିନାହାଁନ୍ତି,ଯାହା ଦର୍ଶାଉଛି ସେମାନେ ଆହୁରି ପ୍ରତିବାଦରେ ସାମିଲ ହେବେ ନାହିଁ। ଏହି ବଣ୍ଡରେ ଶାନ୍ତି ଭଙ୍ଗ ନକରିବା କଥା କୁହାଯାଇଛି, ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ଅଂଶଗ୍ରହଣ କରିବା ଏକ ସାମ୍ବିଧାନିକ ଅଧିକାର । ଏହାଦ୍ୱାରା ଶାନ୍ତି ଭଙ୍ଗ ହୁଏ ନାହିଁ। ଆଜି ସକାଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର କରିଥିଲା, ଯାହା ପରେ ସିଜେପିର ସୌରଭ ଦାସ, ଅଭିଜିତ୍ ଦୀପକେ ଏବଂ ଆଶୁତୋଷ ରାଙ୍କାଙ୍କୁ ଅଟକରୁ ମୁକ୍ତ କରାଯାଇଥିଲା । ସେମାନେ ଶାନ୍ତି ଭଙ୍ଗ କରିବେ ନାହିଁ ବୋଲି କହି କୋର୍ଟରେ ଏକ ବଣ୍ଡରେ ସ୍ୱାକ୍ଷର କରିଥିଲେ । ଏହା ଅନେକ କଳ୍ପନାଜଳ୍ପନା ସୃଷ୍ଟି କରିଛି, ଯେଉଁଥିରେ ଦାବି କରାଯାଉଛି ଯେ ଏହି ବ୍ୟକ୍ତିମାନେ ଆଉ ପ୍ରତିବାଦ କରିପାରିବେ ନାହିଁ କିମ୍ୱା ଭବିଷ୍ୟତରେ ପ୍ରଦର୍ଶନ କରିପାରିବେ ନାହିଁ। ତଥାପି, ସିଜେପି ଏବେ ଏହି ଅଭିଯୋଗ ଗୁଡ଼ିକର ଜବାବ ଦେଇଛନ୍ତି । ଏକ୍ସରେ ଏ ସମ୍ପର୍କିତ ପୋଷ୍ଟକୁ ରିପୋଷ୍ଟ କରି, ସିଜେପି ଅସ୍ୱୀକାର କରିଛି । CJPର ଏହି କଥାରୁ ଜଣାପଡୁଛି ଯେ କକ୍ରୋଚ୍ ପାର୍ଟି ପ୍ରତିବାଦ ଜାରି ରଖିବ । ତଥାପି, ସେମାନେ ପ୍ରତିବାଦ ସମୟରେ କୌଣସି ହିଂସା ନ ଘଟେ ତାହା ଧ୍ୟାନ ଦେବେ । କାରଣ ସ୍ୱାକ୍ଷରିତ ବଣ୍ଡରେ ଶାନ୍ତି ବିଭ୍ରାନ୍ତ ନକରିବା କଥା ଉଲ୍ଲେଖ କରାଯାଇଛି । ଶନିବାର ତାଙ୍କ ଅଟକ ସମ୍ପର୍କରେ ସୌରଭ ଦାସ କେନ୍ଦ୍ର ସରକାରଙ୍କୁ ଦାୟୀ କରି କହିଛନ୍ତି, ସେ କହିଛନ୍ତି 'ଯେତେବେଳେ ଆମକୁ ଅପହରଣ କରାଯାଇଥିଲା, କୌଣସି କାଗଜପତ୍ର କରାଯାଇ ନଥିଲା । ପୋଲିସ ମାଫିଆ ଡନ୍ ପରି ଆସି ଆମକୁ ନେଇଯାଇଥିଲା । ଆମର ଫୋନଗୁଡ଼ିକୁ ବଳପୂର୍ବକ ଜବତ କରାଯାଇଥିଲା । ମହିଳା ପୋଲିସ ଅଧିକାରୀମାନେ ଫୋନଗୁଡ଼ିକ ନେଇଯାଇଥିଲେ । କିନ୍ତୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ବୋଲି ସୌରଭ ଦାସ କହିଛନ୍ତି । ସେ କହିଛନ୍ତି, ମୋତେ ଆରକେ ପୁରମରେ ରଖାଯାଇଥିଲା, ଆଶୁତୋଷଙ୍କୁ ବଲ୍ଲଭଗଡ଼କୁ ନିଆଯାଇଥିଲା ଏବଂ ଅଭିଜିତଙ୍କୁ ମଧ୍ୟ କୌଣସି ସ୍ଥାନକୁ ନିଆଯାଇଥିଲା । ଯେତେବେଳେ ସେମାନେ ଆମକୁ ନେଇଯାଇଥିଲେ, ଆମେ କହିଥିଲୁ ଯେ ଆମ ଓକିଲଙ୍କ ସହ କଥା ହେବା ଆମର ମୌଳିକ ଅଧିକାର ।' କିନ୍ତୁ ଆମକୁ କୁହାଗଲା ଯେ ଅଟକ ସମୟରେ କୌଣସି ଅଧିକାର ନାହିଁ । ଦିଲ୍ଲୀ ପୋଲିସ ପ୍ରତିବାଦକାରୀଙ୍କ ପ୍ରତି ଅତି ନିଷ୍ଠୁର ବ୍ୟବହାର କରିଛି ।' ସେ କହିଛନ୍ତି ଏବେ ଆମେ ଚିନ୍ତିତ ଯେ ଆମ ଫୋନ୍ ସହିତ କ'ଣ କରାଯାଇଥାଇପାରେ । ଆମେ ଭୟ କରୁଛୁ ଯେ ଆମ ଫୋନ୍ କ୍ଲୋନ୍ କରାଯାଇଛି । ଆସନ୍ତାକାଲି ଆମ ଫୋନ୍‌କୁ ହ ତାକୁ ପ୍ରମାଣ ଭାବରେ ଉପସ୍ଥାପନ କରାଯିବ ।'

## ଛୁଟି ଦିନରେ ଜମିଲା ପ୍ରଚାର



ଭୁବନେଶ୍ୱର, ୧୧/୧୦ (ଆ.ପ୍ର) : ଛାତ୍ର ସଂସଦ ନିର୍ବାଚନ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଜୋରଦାର ହୋଇଛି ପ୍ରଚାର । ଆଜି ଛୁଟିଦିନ ହୋଇଥିଲେ ବି ପ୍ରାର୍ଥୀମାନେ ନିଜର ନିଜର ସମର୍ଥକଙ୍କୁ ଧରି ଡୋର ଟୁ ଡୋର କ୍ୟାମ୍ପେନ କରୁଛନ୍ତି । ହଷ୍ଟେଲକୁ ଯାଇ ଭୋଟ ମାଗିଛନ୍ତି । ଅନ୍ୟପଟେ ପ୍ରାର୍ଥୀପତ୍ର ନାକଚକୁ ନେଇ ଲାଗି ରହିଛି ଉତ୍ତେଜନା । ସେପଟେ ରାଜନୈତିକ ନେତା ସିଧାସଳଖ ଛାତ୍ର ସଂସଦ ନିର୍ବାଚନରେ ମୁଣ୍ଡ ପୂରାଇବାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି । ଛାତ୍ର ସଂସଦ ନିର୍ବାଚନକୁ ମଝିରେ ଆଉ ମାତ୍ର ତିନି ଦିନ। ଏହି ଦିନ ପ୍ରାର୍ଥୀଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଜି ଛୁଟି ଦିନରେ ବି ଜମିଛି କ୍ୟାମ୍ପେନିଂ । ଡୋର ଟ ଡୋର ବୁଲି କ୍ୟାମ୍ପେନିଂ କରୁଛନ୍ତି ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ । ଗ୍ରାମାଂଚଳ କଲେଜର ପ୍ରାର୍ଥୀ ଘର ଘର ବୁଲି ଭୋଟ ମାଗୁଥିବାବେଳେ ସହରାଂଚଳ ଓ ବିଶ୍ୱବିଦ୍ୟାଳୟରେ ହଷ୍ଟେଲକୁ ଯାଇ ପ୍ରଚାର କରୁଛନ୍ତି । ଭଲ ପ୍ରାର୍ଥୀ ଦେଖି ଭୋଟ୍ ଦେବାକୁ ଅପିଲ କରୁଛନ୍ତି । ରାଜନୈତିକ ଦଳର ସମର୍ଥନରେ ପ୍ରାର୍ଥୀ ପ୍ରଚାରରେ ଦମ୍ ଲଗାଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ବି ପଛରେ ନାହାନ୍ତି । ଗୋଟିଏ ପଟେ ପ୍ରଚାର ଜମୁଥିବାବେଳେ ଆଉ ଗୋଟିଏ ପଟେ ଥମିବାର ନା ନେଉନି ହିଂସା । ଦୁଇ ଛାତ୍ର ଗୋଷ୍ଠି ମଧ୍ୟରେ ଉତ୍ତେଜନା ଯୋଗୁଁ ନୂଆପଡ଼ା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି । ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ଖାଲି କରିବାକୁ ଦିଆଯାଇଛି ନିର୍ଦ୍ଦେଶ । ଏହା ପୂର୍ବରୁ ଗୋପ, ପଟାମୁଣ୍ଡାଇ, ଦେବଗଡ଼ ଓ ନବରଂଗପୁର ଡିଗ୍ରୀ ଭଳି ଏକାଧିକ କଲେଜରେ ସାଇନ୍-ଏ-ଡାଏ ଘୋଷଣା ହୋଇଥିଲା । ଏପଟେ ଆଜି ବି ପ୍ରାର୍ଥୀପତ୍ର ନାକଚ ପ୍ରତିବାଦରେ ଶୈଳବାଳା ମହିଳା ମହାବିଦ୍ୟାଳୟରେ ବିକ୍ଷୋଭ କରିଛନ୍ତି ଛାତ୍ରୀ । ଏସବୁ ଭିତରେ ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି ବିଧାୟକ ତାରା ପ୍ରସାଦ ବାହିନପତି । ଅନ୍ୟପଟେ କଲେଜ କ୍ୟାମ୍ପେନିଂରେ ନେତା ସିଧାସଳଖ ହସ୍ତକ୍ଷେପ କରିବା ଠିକ୍ ନୁହେଁ ବୋଲି କହିଛନ୍ତି ଶାସକ ଦଳର ବିଧାୟକ ।

## ଏସଆଇଆର ତାଲିକାକୁ ନେଇ ଓଡ଼ିଶାରେ ବଢ଼ିଲା ସନ୍ଦେହ

ଭୁବନେଶ୍ୱର, ୧୧/୧୦ (ଆ.ପ୍ର) : ଏସ୍‌ଆଇଆରକୁ ନେଇ ସନ୍ଦେହର ଝଡ଼! ବାଦ ପଡ଼ିଲେ ୨୦ ଲକ୍ଷରୁ ଅଧିକ, ଯୋଡ଼ି ହେବାକୁ ଆବେଦନ କଲେ ୩୩ ହଜାରରୁ ଅଧିକ ! ଭୋଟର ତାଲିକାରେ ଏହା ସଂଶୋଧନ, ନା ନୂଆ ବିବାଦର ଅଧ୍ୟାୟ ? ଓଡ଼ିଶାରେ ଏସ୍‌ଆଇଆରକୁ ନେଇ ଏବେ ଉଠିଲାଣି ବଡ଼ ପ୍ରଶ୍ନ । ଯଦି ଯୋଗ୍ୟ ଭୋଟରଙ୍କ ନାଁ କଟିଲା, ତେବେ ଦାୟୀ କିଏ ? ଆଉ ଯେଉଁମାନେ ପୁଣି ନାଁ ଯୋଡ଼ିବାକୁ ଆବେଦନ କରୁଛନ୍ତି, ସେମାନଙ୍କ ନାଁ ଯୋଡ଼ି ହେବ କେବେ ? ଏସ୍ ଆଇ ଆରରେ ସ୍ୱଚ୍ଛତାକୁ ନେଇ ବଢୁଛି ସନ୍ଦେହ । ତେଜିଛି ରାଜନୀତି । ଭୋଟର ତାଲିକାରୁ ନାଁ କଟିବାକୁ ନେଇ ରାଜନୀତି ତେଜ୍ । ଏସ୍‌ଆଇଆରର ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ସ୍ୱଚ୍ଛ କରିବା ହେଲେ ଏବେ ଏହାର ପ୍ରକ୍ରିୟାକୁ ନେଇ ଉଠୁଛି ପ୍ରଶ୍ନ । ନିର୍ବାଚନ କମିଶନ ତରଫରୁ ଦିଆଯାଇଥିବା ତଥ୍ୟ ଅନୁସାରେ, ଓଡ଼ିଶାରେ ପ୍ରାୟ ୨୦ ଲକ୍ଷ ୫୭ ହଜାର ଭୋଟରଙ୍କ ନାଁ ବାଦ ପଡ଼ିଛି । ଅନ୍ୟପଟେ, ଅକ୍ଟୋବର ୭ରୁ ୯ ତାରିଖ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନରେ ନାଁ ଯୋଡ଼ିବାକୁ ଆବେଦନ କରିଛନ୍ତି ୩୩ ହଜାର ୫୧୫ ଜଣ । ସେଥିରୁ ୧ ହଜାର ୪୪୮ ଜଣ ପୂର୍ବରୁ ନାଁ ଛାଡ଼ିଯାଇଥିବା ଯୋଗ୍ୟ ଭୋଟରଙ୍କ ସହ ୩୨ ହଜାର ୬୭ ଜଣ ନୂଆ ଓ ଯୁବ ଭୋଟର ଅଛନ୍ତି । ଏବେ ବଡ଼ ପ୍ରଶ୍ନ, ଆବେଦନ କେତେ ମଞ୍ଜୁର ହେଲା ? କେତେ ଆବେଦନ ବିଚାରାଧୀନ ଅଛି ? ଆଉ ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷିତ ରହିବ କେମିତି ? ନିୟମ ଅନୁସାରେ, ତାଲିକାରୁ ନାଁ ବାଦ ପଡ଼ିଥିବା ଯୋଗ୍ୟ ଭୋଟର ଫର୍ମ-୬ ଜରିଆରେ ପୁଣି ଆବେଦନ କରିପାରିବେ । ହେଲେ ପ୍ରଶ୍ନ ହେଉଛି, ଯୋଗ୍ୟ ଥାଇ ବି ଭୋଟରଙ୍କ ନାଁ କଟିଲା କାହିଁକି ? ଲକ୍ଷ ଲକ୍ଷ ନାଁ ବାଦ ପଡ଼ିଥିବା ଦାବି ଭିତରେ, ପୁଣି ନାଁ ଯୋଡ଼ିବାକୁ ଆବେଦନ କରୁଛନ୍ତି ମାତ୍ର ହାତଗଣତି ଭୋଟର । ତେବେ ଯେଉଁ ଯୋଗ୍ୟ ଭୋଟର ବାହାରେ, କିମ୍ବା ଉପାନ୍ତ ଅଂଚଳରେ ରହୁଛନ୍ତି, ଏସଆଇଆର ବିଷୟରେ ଜାଣି ନାହାନ୍ତି, କିନ୍ତୁ ତାଲିକାରୁ ବାଦ ପଡ଼ିଛନ୍ତି, ସେମାନଙ୍କ ନାଁ କେମିତି ପୁଣି ଯୋଡ଼ି ହେବ ? ନାଁ ଯାଂଚ ପ୍ରକ୍ରିୟାରେ ସବୁ ଯୋଗ୍ୟ ଭୋଟର ପୁନର୍ବାର ଯୋଡ଼ି ହୋଇପାରିବେ ତ ? ଭୋଟର ତାଲିକାରେ ଶୁଦ୍ଧତା ଯେତିକି ଜରୁରୀ, ଜଣେ ବି ଯୋଗ୍ୟ ଭୋଟର ଯେପରି ନିଜ ଅଧିକାରରୁ ବଂଚିତ ନହୁଅନ୍ତି, ତାହା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଏବେ ନଜର, ଆବେଦନର ଯାଂଚ ଓ ନାଁ ଯୋଡ଼ିବା ପ୍ରକ୍ରିୟା କେତେ ଶୀଘ୍ର ଏବଂ ସ୍ୱଚ୍ଛ ହେଉଛି ।

## ତାମିଲନାଡୁକୁ ପିଏମ ମୋଦୀଙ୍କ ୧୩ ହଜାର କୋଟିର ଭେଟି



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚେନ୍ନାଇରେ ୧୩,୦୦୦ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଆମେ ଅନେକ ସମ୍ପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଏବଂ ନୂତନ ପ୍ରକଳ୍ପର ଶିଳାନ୍ୟାସ କରୁଛୁ । କିଛି ପ୍ରକଳ୍ପ ଦୈନିକ ଯାତ୍ରାକୁ ସହଜ କରିବ; ଅନ୍ୟ ଗୁଡ଼ିକ ଶିଳ୍ପ ଏବଂ ବାଣିଜ୍ୟକୁ ମଜବୁତ କରିବ । ଏହା ସହିତ, ଏହା ସମଗ୍ର ତାମିଲନାଡୁରେ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।' ଏହି ଅବସରରେ, ପ୍ରଧାନମନ୍ତ୍ରୀ ମୋଦୀ ତାମିଲନାଡୁର ବିଭିନ୍ନ ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କ କାର୍ଯ୍ୟକାଳର ଅଭିଜ୍ଞତା ବାଂଟିଥିଲେ । ସେ କହିଥିଲେ, 'ମୁଖ୍ୟମନ୍ତ୍ରୀ ଭାବରେ, ମୋତେ କରୁଣାନିଧି ଏବଂ ଜୟଲଳିତାଙ୍କ ସହିତ ଭାବ ବିନିମୟ କରିବାର ଅନେକ ସୁଯୋଗ ମିଳିଥିଲା । ପ୍ରଧାନମନ୍ତ୍ରୀ ହେବା ପରେ, ମୋତେ ଜୟଲଳିତା, ଓ. ପନ୍ନୀରସେଲଭମ, ଇ. ପଲାନିସ୍ୱାମୀ ଏବଂ ଏମ.କେ. ଷ୍ଟାଲିନଙ୍କ ସହିତ କାମ କରିବାର ସୁଯୋଗ ମିଳିଥିଲା । ସରକାର ପରିବର୍ତ୍ତନ ହେଉଥିଲା, କିନ୍ତୁ ତାମିଲନାଡୁର ବିକାଶ ଏବଂ ଏହାର ଲୋକଙ୍କ ସେବା କରିବାର ମୋର ସଂକଳ୍ପ ସ୍ଥିର ରହିଥିଲା । ବର୍ତ୍ତମାନ, ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟଙ୍କ ସହିତ, ଆମେ ଏହି ଯାତ୍ରା ଜାରି ରଖିଛୁ ।' ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କିଛି ଦିନ ପୂର୍ବରୁ, ସେ ଦେଶବାସୀଙ୍କ ଆଶୀର୍ବାଦ ଏବଂ ପ୍ରେମରେ ସରକାର ମୁଖ୍ୟ ଭାବରେ ୨୫ ବର୍ଷ ପୂରଣ କରିଛନ୍ତି । ଅକ୍ଟୋବର ୨୦୦୧ ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ପର ଠାରୁ, ଲୋକମାନେ ତାଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ ଭାବରେ ସେବା କରିବାର ସୁଯୋଗ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ୨୫ ବର୍ଷର ଯାତ୍ରାରେ, ଗଣତନ୍ତ୍ରର ଦୁଇଟି ପ୍ରମୁଖ ଶକ୍ତି - ଦେଶର ଜନତା ଏବଂ ସହଯୋଗୀ ସଂଘୀୟତା - ପ୍ରତି ତାଙ୍କର ବିଶ୍ୱାସ ନିରନ୍ତର ଦୃଢ଼ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ସର୍ବଦା ଏହି ମନ୍ତ୍ର ସହିତ ଆଗକୁ ବଢ଼ିଛନ୍ତି ଯେ ରାଜ୍ୟ ଗୁଡ଼ିକର ବିକାଶ ହେଉଛି ଦେଶର ବିକାଶର ମୂଳଦୁଆ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି,'ଆଜି ତାମିଲନାଡୁରେ ସହରାଂଚଳ ବିକାଶ ଆମ ପାଇଁ ଏକ ପ୍ରମୁଖ ପ୍ରାଥମିକତା । ମୁଁ ସର୍ବଦା ବିଶ୍ୱାସ କରିଆସିଛି ଯେ ସହରୀକରଣ ଏକ ଚ୍ୟାଲେଞ୍ଜ ନୁହେଁ, ବରଂ ଏକ ସୁଯୋଗ, ଏବଂ ଏଥିରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଭଲ ପରିବହନ ଲୋକଙ୍କ ଜୀବନକୁ ସହଜ କରିଥାଏ ।' ଚେନ୍ନାଇ ମେଟ୍ରୋର ସମ୍ପ୍ରସାରଣ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୧୪ ମସିହାରେ ଦେଶର ମେଟ୍ରୋ ନେଟୱାର୍କ ପ୍ରାୟ ୨୫୦ କିଲୋମିଟର ଥିଲା, ଯାହା ବର୍ତ୍ତମାନ ୧୧୦୦ କିଲୋମିଟରରୁ ଅଧିକ ବୃଦ୍ଧି ପାଇଛି । ସେ କହିଥିଲେ ଯେ ଚେନ୍ନାଇ ମେଟ୍ରୋର ସମ୍ପ୍ରସାରଣ ଏହି ନେଟୱାର୍କକୁ ଆହୁରି ବିସ୍ତାର କରିବ ଏବଂ ଯାତ୍ରୀମାନଙ୍କୁ ଉତ୍ତମ ପରିବହନ ସୁବିଧା ଯୋଗାଇବ । ଏହା ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ମୋଦୀ ଚେନ୍ନାଇରେ ଏକ ନୂତନ ମେଟ୍ରୋ ଲାଇନର ଉଦଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ଭାରତର ବନ୍ଦର ଗୁଡ଼ିକର ଦକ୍ଷତାରେ ଉନ୍ନତି ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ ।

## ସୁପ୍ରିମକୋର୍ଟ ଯାଇ ଥକିଗଲିଣି : କପିଲ ସିବଲ



ନୂଆଦିଲ୍ଲୀ: ବାରମ୍ୱାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଥକିଗଲିଣି । ନ୍ୟାୟ ପାଇବା ଆଶାରେ ଆଉ ଅଦାଲତ ଯିବାରେ କିଛି ଲାଭ ଅଛି ବୋଲି ମନେ ହେଉନାହିଁ । ସୁପ୍ରିମ୍‌କୋର୍ଟ ଉପରେ ଆଉ ଭରସା ନାହିଁ । ନିର୍ବାଚନୀ ଭୋଟର ତାଲିକାରେ ଅନିୟମିତତା ଏବଂ ଦିଲ୍ଲୀରେ ପ୍ରତିବାଦକାରୀଙ୍କୁ ଅଟକ ରଖାଯିବା ପ୍ରସଙ୍ଗରେ ଏଭଳି କହିଛନ୍ତି ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ସିବଲ । ତେବେ ରବିବାର ଏହି ପ୍ରସଙ୍ଗରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ବେଆଇନ ଭାବେ ଅଟକ ନ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ସିବଲଙ୍କୁ ଭରସା ଫେରାଇଦେବାର ଆଶ୍ୱାସନା ଦେଇଛନ୍ତି । ଶନିବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସିବଲ ନିଜର ମତ ରଖିଥିଲେ । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାକୁ ବିରୋଧ କରି ଦିଲ୍ଲୀର ଯନ୍ତରମନ୍ତରଠାରେ ପ୍ରତିବାଦ କରାଯାଇଥିଲା । ଏହି ଆନ୍ଦୋଳନରେ ଯୋଗଦେବାକୁ ଆସୁଥିବା ଲୋକଙ୍କୁ ଅଟକ ରଖାଯିବାର ଆଇନଗତ ଆଧାର କ'ଣ ବୋଲି ସେ ପ୍ରଶ୍ନ କରିଥିଲେ । ସିବଲଙ୍କ ଅଭିଯୋଗ ଅନୁସାରେ, ଭୋଟର ତାଲିକାରୁ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିବା ଓ ଅନ୍ୟ ନାମ ସାମିଲ ହେବା ନେଇ ସୁପ୍ରିମ୍‌କୋର୍ଟଙ୍କୁ ଦୀର୍ଘଦିନ ଧରି ଅବଗତ କରାଯାଇଥିଲେ ମଧ୍ୟ ଆଶାନୁରୂପ ପ୍ରତିକାର ମିଳିନାହିଁ । ପଶ୍ଚିମବଙ୍ଗରେ ଆବେଦନର ଶୁଣାଣି କରୁଥିବା ଅପିଲ୍ ଟ୍ରିବ୍ୟୁନାଲଗୁଡ଼ିକରେ ଏ ପର୍ଯ୍ୟନ୍ତ ନିଷ୍ପତି ହୋଇଥିବା ମାମଲା ମଧ୍ୟରୁ ୯୩ ପ୍ରତିଶତରେ ଭୋଟରଙ୍କ ନାମ ପୁନଃସ୍ଥାପିତ ହୋଇଥିବା ସେ ଦର୍ଶାଇଥିଲେ । ପ୍ରଧାନ ବିଚାରପତିଙ୍କ ଉପରେ ଅସନ୍ତୁଷ୍ଟ କି ବୋଲି ପଚରାଯିବାରୁ ସିବଲ କହିଥିଲେ ଯେ ଆଇନଜୀବୀଙ୍କ କାମ ହେଉଛି ଲୋକଙ୍କ ପାଇଁ ଲଢ଼ିବା । ଅନ୍ୟାୟ ହେଲେ ଅଦାଲତରେ ମାମଲା ଦାୟର କରିବାକୁ ହେବ, ଅଦାଲତ ଶୁଣିବେ କି ନାହିଁ ତାହା ଅଲଗା କଥା । ସମ୍ବିଧାନର ସୁରକ୍ଷା କରିବାରେ ସୁପ୍ରିମ୍‌କୋର୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ ସେ କହିଥିଲେ । ଅନ୍ୟପକ୍ଷରେ, ଦିଲ୍ଲୀରେ ପ୍ରତିବାଦ ପୂର୍ବରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ଲାଗୁ କଟକଣା, ଟ୍ରେନ୍ ଓ ମେଟ୍ରୋ ସେବାରେ ବାଧା ଏବଂ ପ୍ରତିବାଦକାରୀଙ୍କୁ ଅଟକ ରଖାଯିବାକୁ ସେ ସମାଲୋଚନା କରିଥିଲେ । ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଲୋକଙ୍କ ଦ୍ୱାରା ସମାଜ ପ୍ରତି କେଉଁ ବିପଦ ରହିଛି ବୋଲି ସେ ପ୍ରଶ୍ନ କରିଥିଲେ । ରବିବାର ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ଘଟଣା ସମ୍ପର୍କିତ ଆବେଦନର ସ୍ୱତନ୍ତ୍ର ଶୁଣାଣି କରିଥିଲେ ।

## ୯ କୋଟି ଟଙ୍କାର ସୁନା ବିସ୍କୁଟ ଜବତ , ୨ ଗିରଫ




ଭୁବନେଶ୍ୱର, ୧୧/୧୦ (ଆ.ପ୍ର) : ବାଂଲାଦେଶରୁ ପଶ୍ଚିମବଙ୍ଗ, ସେଠୁ ଓଡ଼ିଶା ଦେଇ ଦକ୍ଷିଣ ଭାରତ । ଏଭଳି ଚାଲିଛି ଚୋରା ସୁନା ଚାଲାଣର ନେଟୱର୍କ । ଗତକାଲି ଏମିତି ଏକ ଗୋଲ୍ଡ ସ୍ମଗଲିଂ ରାକେଟର ପର୍ଦ୍ଦାଫାସ୍ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ । କୋଲକାତାରୁ ଓଡ଼ିଶା ଦେଇ ହାଇଦ୍ରାବାଦ ଯାଉଥିବା ଏକ କାରରୁ ବିଶାଖାପାଟଣା ନିକଟରେ ଜବତ ହୋଇଛି ପ୍ରାୟ ୯ କୋଟି ଟଙ୍କା ମୂଲ୍ୟର ଚୋରା ସୁନା । ଏହି ମାମଲାରେ ୨ ଜଣଙ୍କୁ ଗିରଫ କରି ଅଧିକ ଖୋଳତାଡ଼ ଚଳାଇଛି DRI । ବରିଷ୍ଠ ପୋଲିସ ଅଧିକାରୀ ଓ ଅର୍ଥନୀତି ବିଶେଷଜ୍ଞଙ୍କ ମତରେ ସୁନା ଉପରେ ଆମଦାନୀ ଶୁଳ୍କ ବଢିବା ପରେ ଏହାର ଚୋରା ଚାଲାଣ ବଢିଛି । ଚୋରା ସୁନା ଚାଲାଣ ନେଟୱର୍କରେ ଏକ ରାକେଟକୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ବା DRI ଧରିବା ପରେ ଏହି ରହସ୍ୟ ସାମ୍ନାକୁ ଆସିଛି । DRIର ସୂଚନା ମୁତାବକ, ଦୁଇଜଣ ଯାତ୍ରୀ ଏକ କାର୍ ଯୋଗେ କୋଲକାତାରୁ ହାଇଦ୍ରାବାଦ ଅଭିମୁଖେ ଚୋରା ସୁନା ନେଇ ଯାଉଥିଲେ । କାରକୁ ପିଛା କରି ବିଶାଖାପାଟଣା ନିକଟରେ ଧରିଥିଲା ଡିଆରଆଇ । ଗାଡ଼ିକୁ ଯାଂଚ କରିବା ପରେ ସାମ୍ନା ସହଯାତ୍ରୀଙ୍କ ସିଟର ଗୋଡ଼ ରଖିବା ସ୍ଥାନରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ସିକ୍ରେଟ୍ ଚାମ୍ବର ଠାବ କରାଯାଇଥିଲା । ଏହି ଚାମ୍ବରରେ ୩ଟି ପ୍ୟାକେଟରେ ରଖାଯାଇଥିବା ୨୪ କ୍ୟାରେଟର ବିଦେଶୀ ସୁନା । ଯାହାର ଓଜନ ୫ କିଲୋ ୮୩୨.୯୦ ଗ୍ରାମ । ଆଉ ବଜାର ମୂଲ୍ୟ ପ୍ରାୟ ୮ କୋଟି ୯୮ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ଏ ସୁନା ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଭାରତକୁ ଆସିଛି । ପରେ ଏହାକୁ ସଡ଼କ ପଥରେ ଓଡ଼ିଶା ଦେଇ ହାଇଦ୍ରାବାଦ ନିଆଯାଉଥିବା ସଂପୃକ୍ତ ବ୍ୟକ୍ତିମାନେ ସ୍ୱୀକାର କରିଛନ୍ତି । ପୂର୍ବତନ ପୋଲିସ ଅଧିକାରୀଙ୍କ କହିବା ଅନୁସାରେ, ଭାରତରେ ଏବେ ବହୁଳ ପରିମାଣର ଚୋରା ସୁନା ଚାଲାଣ ହେଉଛି । ଦର ଉଚ୍ଚା ରହିଥିବାରୁ ଚୋରାରେ ସୁନା ଆଣି ଅଧିକ ମୁନାଫା କମାଉଛନ୍ତି ମାଫିଆ । ତଥ୍ୟ କହୁଛି, ସ୍ଥଳ ପଥ ଦେଇ ସବୁଠୁ ଅଧିକ ୫୫ ପ୍ରତିଶତ ଚୋରା ସୁନା ଚାଲାଣ ହେଉଛି । ସେହିପରି ଆକାଶ ପଥରେ ୩୬ ପ୍ରତିଶତ ଓ ଜଳପଥରେ ପ୍ରାୟ ୯ ପ୍ରତିଶତ ଚୋରା ସୁନା ମାର୍କେଟକୁ ପ୍ରବେଶ କରୁଛି ।



